# ସମ୍ବାଦ

# ତାରିଖ:୩.୦୨.୨୦୨୬

## ବିଆଇଆଇଟିଏମ୍‌ରେ 'ଭାଇବ୍ରାନ୍ସ'




ଚନ୍ଦ୍ରଶେଖରପୁର, ୨/୨(ଇମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍(ବିଆଇଆଇଟିଏମ୍)ରେ ବି-ଫେଷ୍ଟ ୨୦୨୬ 'ଭାଇବ୍ରାନ୍ସ' ଉଦ୍‌ଯାପିତ ହୋଇଯାଇଛି। ବିଆଇଆଇଟିଏମ୍ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ଉପସ୍ଥିତ ଅତିଥି, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ସଂସ୍ଥାର ଶିକ୍ଷାଦର୍ଶନ, ସହଯୋଗମୂଳକ ଅଭ୍ୟାସ ଉପରେ ଆଲୋଚନା କରିଥିଲେ। ବିଆଇଆଇଟିଏମ୍ ଡିନ୍(ଏକାଡେମିକ୍ସ) ପ୍ରଫେସର ଚିନ୍ମୟ କୁମାର ଦାଶ, ପ୍ରଫେସର କେ. ଚନ୍ଦ୍ରଶେଖର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବପିଢ଼ି ଶୃଙ୍ଖଳା ଓ ଦାୟିତ୍ୱବୋଧ ସହ ଆଗକୁ ବଢ଼ିବାକୁ ଆହ୍ୱାନ ଜଣାଇଥିଲେ। ପ୍ରଫେସର ପି ଆର୍ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ 'ସାଇଶୁପଥ'ର ସିଇଓ ବି କେ ଥମ୍ପସନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କର୍ଷତା ପଥରେ ଅଗ୍ରସର ହେବାକୁ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ। ଓୟୁଟିଆର ପ୍ରଫେସର ଏଲ୍ ଏନ୍ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।